DBS

ଓଡ଼ିଆ

# ଚେକ୍ ଫେରସ୍ତ ନୀତି

**ସ୍କୋପ୍ :** ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍ (ଡିବିଆଇଏଲ୍)

**ଜାରିକର୍ତ୍ତା :** ସୌରଭ ମିତ୍ତଲ, ହେଡ୍-ଅପରେସନ୍ସ, ଡିବିଆଇଏଲ୍

All rights reserved.

No part of this document may be reproduced in any form outside the DBS Group without an authorised release.

## 1. ମାର୍ଗଦର୍ଶୀ ନୀତି

ଆରବିଆଇ ନଂ. 26 ଜୁନ୍, 2003 ର ନିଜର ସର୍କୁଲାର DBOD.BC.Leg.No.113/09.12.001/2002-03 ଏବଂ 12 ମେ 2014 ର RPCD.CO.RRB.BC.No.100/03.05.33/2013-14 ଅନୁଚ୍ଛେଦ 11.4 (i) ଅନୁସାରେ ବ୍ୟାଙ୍କକୁ ଚେକ୍ ସୁବିଧା ସହିତ ଆକାଉଣ୍ଟର ପରିଚାଳନା ପାଇଁ ଏକ ସର୍ତ୍ତ ଉପସ୍ଥାପନ କରିବାର ପରାମର୍ଶ ଦେଇଥିଲା ଯେ ଗୋଟିଏ ଆର୍ଥିକ ବର୍ଷ ସମୟରେ ଚାରିଟି ଅବସରରେ ଆହର୍ତାଙ୍କ ବିଶେଷ ଆକାଉଣ୍ଟରୁ ଆହରିତ ଏକ କୋଟି ଏବଂ ଏହା ଠାରୁ ଅଧିକ ମୂଲ୍ୟର ଚେକର ଆକଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ରାଶିର ଅଭାବ ହେତୁ ଡିସଅନର ହେବା ସ୍ଥିତିରେ କୌଣସି ନୂଆ ଚେକବୁକ୍ ଜାରି କରାଯିବ ନାହିଁ। ଏହା ବ୍ୟତୀତ, ବ୍ୟାଙ୍କ ନିଜର ବିବେକରେ କରେଣ୍ଟ ଆକାଉଣ୍ଟକୁ ବନ୍ଦ କରିବା ଉପରେ ବିଚାର କରିପାରେ।

ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ 04 ଅଗଷ୍ଟ 2016 ର ନିଜର ସର୍କୁଲାର ନଂ. DBR.No.Leg.BC.3/09.07.005/2016-17 ମାଧ୍ୟମରେ ଏହା ନିଷ୍ପତ୍ତି ନେଇଛି ଯେ ଏହା ବ୍ୟାଙ୍କର ବିବେକ ଉପରେ ଛାଡ଼ି ଦିଆଯିବ ଯେ ଆକାଉଣ୍ଟଧାରୀଙ୍କ ଦ୍ବାରା ଚେକର ଡିସଅନର କ୍ଷେତ୍ରରେ ବ୍ୟାଙ୍କ ନିଜର ପ୍ରତିକ୍ରିୟା କିପରି ନିର୍ଦ୍ଧାରିତ କରିବ।

ଏହି ସମ୍ବନ୍ଧରେ, ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍ (ଡିବିଆଇଏଲ୍) ନିମ୍ନରେ ଦିଆଯାଇଥିବା ଚେକ୍ ଫେରସ୍ତ ନୀତିର ଡ୍ରାଫ୍ଟ ପ୍ରସ୍ତୁତ କରିଛି।

## 2. ନୀତି

**ଚେକର ବାରମ୍ବାର ଡିସଅନର ହେବାର ଘଟଣାର ପରିଚାଳନା**

i. ଚେକ୍ ବୁକ ଜାରି କରିବା ସମୟରେ ଗ୍ରାହକଙ୍କୁ ସୂଚୀତ କରାଯିବ ଯେ ଏହା ସୁନିଶ୍ଚିତ କରିବା ତାଙ୍କର ଦାୟୀତବ ଅଟେ ଯେ ପଇଠର ତାଙ୍କର ପ୍ରତିବଦ୍ଧତାର ସମ୍ମାନ ରଖିବା ପାଇଁ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣ ରହିଛି।

ii. ପ୍ରଚଳିତ ଆକାଉଣ୍ଟର ସଞ୍ଚାଳନ ସମ୍ବନ୍ଧରେ ତଳେ (iv) ରେ ଉଲ୍ଲେଖିତ ସର୍ତ୍ତର ପ୍ରାରମ୍ଭିକ ପ୍ରୟୋଜନ ପାଇଁ ବ୍ୟାଙ୍କ ନୂଆ ଚେକ୍ ବୁକ୍ ଜାରି କରିବା ସମୟରେ, ଆକାଉଣ୍ଟଧାରୀ ନୂତନ ସର୍ତ୍ତର ପରାମର୍ଶ ଦେଇ ଏକ ପତ୍ର ଜାରି କରିପାରେ। ଏହାର ଉଲ୍ଲେଖ ଚେକ୍ ବୁକର ପ୍ରଥମ ପୃଷ୍ଠାରେ ମଧ୍ୟ କରାଯାଇଛି ଏବଂ ଗ୍ରାହକଙ୍କୁ ଜାରି କରାଯାଇଥିବା ଚେକ୍ ବୁକର ରିକ୍ୟୁଇଜିସନ ସ୍ଲିପ୍ ସଂଲଗ୍ନ ରହିଛି।

iii. ଯଦି ଆର୍ଥିକ ବର୍ଷ ସମୟରେ ଆହର୍ତାଙ୍କ କୌଣସି ବିଶେଷ ଆକାଉଣ୍ଟରେ ଚେକ୍ ପଞ୍ଚମ ଥର ଡିସଅନର ହୁଏ, ତେବେ ବ୍ୟାଙ୍କ ସଂପୃକ୍ତ ଆକାଉଣ୍ଟଧାରୀଙ୍କ ଧ୍ୟାନ ପୂର୍ବୋକ୍ତ ସର୍ତ୍ତ ଆଡ଼କୁ ଆକର୍ଷିତ କରିବା ପାଇଁ ତାଙ୍କୁ ସତର୍କତାମୂଳକ ପରାମର୍ଶ ଜାରି କରିପାରେ ଓ ଚେକ୍ ଜାରି କରିବା ପୂର୍ବରୁ ଆକାଉଣ୍ଟରେ ପର୍ଯ୍ୟାପ୍ତ ରାଶି ବଜାୟ ରଖିବା ପାଇଁ ଅନୁରୋଧ କରିପାରେ।

iv. ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ଅନୁଶାସନ ସୃଷ୍ଟି କରିବା ପାଇ, ବ୍ୟାଙ୍କ ଚେକ୍ ସୁବିଧା ଥିବା ଆକାଉଣ୍ଟର ସଞ୍ଚାଳନ ପାଇଁ ଏକ ସର୍ତ୍ତ ଉପସ୍ଥାପନ କରିବ ଯେ ଯଦି ପର୍ଯ୍ୟାପ୍ତ ପରିମାଣର ଅଭାବରେ ଏକ ବର୍ଷ ମଧ୍ୟରେ ଛଅ ଥର ଆହର୍ତାଙ୍କ କୌଣସି ବିଶେଷ ଆକାଉଣ୍ଟରେ ଆହରିତ ଚେକ୍ ଡିସଅନର ହୁଏ, ତେବେ ବ୍ୟାଙ୍କ ଗ୍ରାହକଙ୍କୁ ଚେକ୍ ବୁକର ସୁବିଧାର ଲାଭ ଉଠାଇବାରୁ ବଞ୍ଚିତ କରିଦେବ।

ଏହା ବ୍ୟତୀତ ଆକାଉଣ୍ଟର ସମୀକ୍ଷା କରାଯିବ ଏବଂ ଏହା ଉପର ତୀକ୍ଷ୍ଣ ନଜର ରଖାଯିବ। ପରିଚାଳନା ଦଳ ସମସ୍ତ ଶାଖା ଗୁଡ଼ିକ ପାଇଁ ଫେରସ୍ତ ଚେକ୍ ଡାଟାର ଅନୁଧ୍ୟାନ କରିବ ଏବଂ ଏକ ଆର୍ଥିକ ବର୍ଷରେ ପାଣ୍ଠିର ଅଭାବ କାରଣରୁ ସେହି ଆକାଉଣ୍ଟରେ ହୋଇଥିବା ଫେରସ୍ତର ଆଧାରରେ ସଂଲଗ୍ନ ଅନୁଚ୍ଛେଦ ଅନୁସାରେ ଗ୍ରାହକଙ୍କ ପତ୍ର ପଠାଇବ।

v. ଯଦି ଉଚିତ୍ ମଣାଯିବ, ତେବେ ବ୍ୟାଙ୍କ 15 ଦିନର ପର୍ଯ୍ୟାପ୍ତ ନୋଟିସ୍ ଦେଇ ପାରେ ଏବଂ ଶୁଳ୍କ/ ବକେୟା ରାଶିର ବସୁଲି କରି ଆକାଉଣ୍ଟ ବନ୍ଦ କରିପାରେ ଏବଂ ଅନ୍ତିମ ରାଶି ପେ ଅର୍ଡ଼ର/ ଡ୍ରାଫ୍ଟ ଦ୍ବାରା ବ୍ୟାଙ୍କର ରେକର୍ଡ଼ରେ ଥିବା ଠିକଣାରେ ରେଜିଷ୍ଟରଡ୍ ପୋଷ୍ଟ ଦ୍ବାରା ପଠାଇ ପାରେ। ଏହିପରି ଏକ ସତର୍କତା ପରାମର୍ଶ ଜାରି କରାଯିବ ଯଦି ବ୍ୟାଙ୍କ୍ ଅନୁମୋଦନ ଅଧିକାରୀ/ ଆରଏମଙ୍କ ଅନୁମତି ରେ ସେହି ଆକାଉଣ୍ଟ ବନ୍ଦ କରିବାକୁ ଚାହିଁଥାନ୍ତି ଯେଉଁଠାରେ ଗ୍ରାହକ କ୍ରେଡିଟ୍ ସୁବିଧାର ଲାଭ ଉଠାଇଥାନ୍ତି।

vi. କ୍ଲିୟରିଂ ହାଉସ୍/ ଜାରିକର୍ତ୍ତା ବ୍ୟାଙ୍କ ଦ୍ବାରା ଫେରସ୍ତ ହୋଇଥିବା ଚେକ୍ ପ୍ରଦାନର ପରବର୍ତ୍ତୀ ବ୍ୟାବସାୟିକ ଦିବସ ପର୍ଯ୍ୟନ୍ତ ସମସ୍ତ ଫେରସ୍ତ ଚେକ୍ର ଜାରିକର୍ତ୍ତା/ ଧାରକଙ୍କୁ ପଠାଯିବ ଏବଂ ଏହା ସହିତ ଚେକ୍ ଫେରସ୍ତ ମେମୋ ମଧ୍ୟ ପଠାଯିବ ଯେଉଁଥିରେ ଚେକର ଡିସଅନର କାରଣ "ପାଣ୍ଠିର ଅଭାବ" ବୋଲି ଦର୍ଶାଯିବ।

vii. ଷ୍ଟକ୍ ଏକ୍ସଚେଞ୍ଜ ନାମରେ ଆହରିତ 1 କୋଟି ଟଙ୍କା ଏବଂ ତାଠାରୁ ଅଧିକର ପ୍ରତ୍ୟେକ ଫେରସ୍ତ ଚେକ୍ ର ସମ୍ବନ୍ଧରେ ପ୍ରତ୍ୟେକ ଆର୍ଥିକ ତ୍ରୟମାସରେ ଡାଟା କ୍ୟୁଏସସି (କ୍ବାର୍ଟର୍ଲି ଷ୍ଟାଣ୍ଡିଂ କମିଟି) ନିକଟରେ ପ୍ରସ୍ତୁତ କରାଯିବ ଯେଉଁଥିରେ ପାର୍ଟିର ନାମ, ଚେକର ପରିମାଣ, ଫେରସ୍ତର କାରଣ, ଦିଆ ଯାଇଥିବା ସୁବିଧା ଏବଂ ଏପର୍ଯ୍ୟନ୍ତ ଫେରସ୍ତର ଉଦାହରଣ ପରି ସୂଚନା ପ୍ରସ୍ତୁତ କରାଯିବ।

## 3. ପ୍ରମୁଖ ଉତ୍ତରଦାୟିତ୍ବ

ପରିଚାଳନା

i. କ୍ଲିୟରିଂ ହାଉସ୍/ ଜାରିକର୍ତ୍ତା ବ୍ୟାଙ୍କ ଦ୍ବାରା ଫେରସ୍ତ ହୋଇଥିବା ଚେକ୍ ପ୍ରଦାନର ପରବର୍ତ୍ତୀ ବ୍ୟାବସାୟିକ ଦିବସ ପର୍ଯ୍ୟନ୍ତ ସମସ୍ତ ଫେରସ୍ତ ଚେକକୁ ଜାରିକର୍ତ୍ତା/ ଧାରକଙ୍କୁ ପଠା ଯିବ ଏବଂ ଏହା ସହିତ ଚେକ୍ ଫେରସ୍ତ ମେମୋ ମଧ୍ୟ ପଠା ଯିବ ଯେଉଁଥିରେ ଚେକର ଡିସଅନରର କାରଣ 'ପାଣ୍ଠିର ଅଭାବ' ବୋଲି ଦର୍ଶାଯିବ।

ii. ପରିଚାଳନା ଦଳ ସମସ୍ତ ଶାଖା ପାଇଁ ଫେରସ୍ତ ଚେକ୍ ଡାଟାର ଅନୁଧ୍ୟାନ କରିବେ ଏବଂ ଏକ ଆର୍ଥିକ ବର୍ଷରେ ପାଣ୍ଠିର ଅଭାବର କାରଣ ସେହି ଖାତାରେ ଫେରସ୍ତର ଅବସର ଆଧାରରେ ସଂଲଗ୍ନ ଅନୁଚ୍ଛେଦ ଅନୁସାରେ ଗ୍ରାହକଙ୍କୁ ଚିଠି ପଠାଇବ।

## 4. ଶାସନ

### 4.1 ମାଲିକାନା ଓ ଅନୁମୋଦନ ଅଧିକାରୀ

ଏହି ନୀତି ଟି ଆଣ୍ଡ ଓ ମାଲିକାନାରେ ରହିଛି ଏବଂ ବୋର୍ଡ଼ ବା ଡେଲିଗେଟେଡ୍ ସମିତି ଦ୍ବାରା ଅନୁମୋଦିତ ଅଟେ। କୌଣସି ପରିବର୍ତ୍ତନ ଯାହା ବାସ୍ତବିକ ନୁହେଁ, କିନ୍ତୁ ପ୍ରକୃତିରେ ଆକସ୍ମିକ ବା ପ୍ରଶାସନିକ ଅଟେ, ସେଥିପାଇଁ ଅନୁମୋଦନ ପ୍ରାଧୀକାରୀ ଦ୍ବାରା ସାଇନ୍-ଅଫର ଆବଶ୍ୟକତା ନାହିଁ।

### 4.2 ବ୍ୟତିକ୍ରମ

ନାହିଁ

### 4.3 ସମୀକ୍ଷା

ଏହି ନୀତିର ବାର୍ଷିକ ଆଧାରରେ ସମୀକ୍ଷା କରାଯିବା ଆବଶ୍ୟକ, ଯେପର୍ଯ୍ୟନ୍ତ ଅନ୍ୟଥା ଆବଶ୍ୟକ ହୋଇ ନାହିଁ।

## ପରିଶିଷ୍ଟ 1

ପ୍ରଯୁଜ୍ୟ ନୁହେଁ

## ପରିଶିଷ୍ଟ 2 ସମ୍ବନ୍ଧିତ ନୀତି ଏବଂ ମାନାଙ୍କ

ଚେକ୍ ଫେରସ୍ତ – ପ୍ରକ୍ରିୟା ନୋଟ୍

## ପରିଶିଷ୍ଟ 3 କୌଣସି ଅତିରିକ୍ତ ସୂଚନାର ସାମଗ୍ରୀ

କିଛି ନାହିଁ

## ପରିଶିଷ୍ଟ 4 ବ୍ୟତିକ୍ରମ

| ଫଳପ୍ରଦ ତାରିଖ | ସେକ୍ସନ | ଅନୁମୋଦନକାରୀ ଓ ଅନୁମୋଦନ ତାରିଖ | ସ୍ୱୀକୃତିଦାତା ଓ ସ୍ୱୀକୃତି ତାରିଖ | ବ୍ୟତିକ୍ରମର ବିବରଣୀ | ବ୍ୟତିକ୍ରମର କାରଣ |
|---|---|---|---|---|---|
| | | | | | |
| | | | | | |
| | | | | | |

## ପରିଶିଷ୍ଟ 5 ସଂସ୍କରଣ ଇତିହାସ

| ସଂସ୍କରଣ | ଜାରି ହେବା ତାରିଖ | ମୁଖ୍ୟ ପରିବର୍ତ୍ତନର ସାରାଂଶ |
|---|---|---|
| 1.0 | | ଜାରି ନୀତି |
| 2.0 | 29 ମାର୍ଚ୍ଚ 2017 | ଆରବିଆଇ ନଂ. 26 ଜୁନ୍, 2003 ର ନିଜର ସର୍କୁଲାର DBOD.BC.Leg.No.113/09.12.001/2002-03 ଏବଂ 12 ମେ 2014 ର RPCD.CO.RRB.BC.No.100/03.05.33/2013-14 ଅନୁଚ୍ଛେଦ 11.4 (i) ଅନୁସାରେ ବ୍ୟାଙ୍କକୁ ଚେକ୍ ସୁବିଧା ସହିତ ଆକାଉଣ୍ଟର ପରିଚାଳନା ପାଇଁ ଏକ ସର୍ତ୍ତ ଉପସ୍ଥାପନ କରିବାର ପରାମର୍ଶ ଦେଇଥିଲା ଯେ ଗୋଟିଏ ଆର୍ଥିକ ବର୍ଷ ସମୟରେ ଚାରିଟି ଅବସରରେ ଆହର୍ତାଙ୍କ ବିଶେଷ ଆକାଉଣ୍ଟରୁ ଆହରିତ ଏକ କୋଟି ଏବଂ ଏହା ଠାରୁ ଅଧିକ ମୂଲ୍ୟର ଚେକର ଆକଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ରାଶିର ଅଭାବ ହେତୁ ଡିସଅନର ହେବା ସ୍ଥିତିରେ କୌଣସି ନୂଆ ଚେକବୁକ୍ ଜାରି କରାଯିବ ନାହିଁ। ଏହା ବ୍ୟତୀତ, ବ୍ୟାଙ୍କ ନିଜର ବିବେକରେ କରେଣ୍ଟ ଆକାଉଣ୍ଟକୁ ବନ୍ଦ କରିବା ଉପରେ ବିଚାର କରିପାରେ।<br><br>ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ 04 ଅଗଷ୍ଟ 2016 ର ନିଜର ସର୍କୁଲାର ନଂ. DBR.No.Leg.BC.3/09.07.005/2016-17 ମାଧ୍ୟମରେ ଏହା ନିଷ୍ପତ୍ତି ନେଇଛି ଯେ ଏହା ବ୍ୟାଙ୍କର ବିବେକ ଉପରେ ଛାଡ଼ି ଦିଆଯିବ ଯେ ଆକାଉଣ୍ଟଧାରୀଙ୍କ ଦ୍ବାରା ଚେକର ଡିସଅନର କ୍ଷେତ୍ରରେ ବ୍ୟାଙ୍କ ନିଜର ପ୍ରତିକ୍ରିୟା କିପରି ନିର୍ଦ୍ଧାରିତ କରିବ। |
| 3.0 | 29 ଅଗଷ୍ଟ 2018 | ପତ୍ର ସ୍ବରୂପରେ ପରିବର୍ତ୍ତନ। |
| 4.0 | 26 ଜୁନ୍ 2019 | ପ୍ରଥମ ପ୍ରକାଶନ (ପୂର୍ଣ୍ଣ ମାଲିକାନାର ସହାୟକ କମ୍ପାନୀ ଭାବରେ ଡିବିଏସ୍ ଇଣ୍ଡିଆର ଇନକର୍ପୋରେସନ ପରେ) |